**NATIONAL BANK FOR AGRICULTURE AND RURAL DEVELOPMENT(NABARD) CELEBRATED ITS 40th FOUNDATION DAY VIRTUALLY USING NIC'S VIDEO CONFERENCING AND PORTAL BASED LINK FACILITIES ON 20th JULY OF 2021 AT RAJBHAWAN,ODISHA ,BHUBANESWAR**



**HON'BLE GOVERNOR PROF GANESHI LAL AND OFFICERS DURING PLAY OF NATIONAL ANTHEM.**

NABARD celebrated its 40th foundation Day on 20th July '2021 virtually with live coverage from the premises of Rajbhawan, Odisha .

At the outset Shri C.Udayabhaskar, CGM, NABARD delivered his welcome speech. Shri Pradeep Kumar Jena, IAS, Development Commissioner and Shri Ashok Kumar Meena, IAS, Principal Secretary participated and graced the occasion alongwith Smt. Sujata R. Kartthikeyan, IAS, Commissioner –cum-Secretary, Mission Shakti, Govt. of Odisha, Shri H.N.Panda, Regional Director, Reserve Bank of India, SLBC Convener, Shri A. Jena, representatives of different banks, all the thirty District Magistrates, LDMS and DDMs of NABARD, Chairman of both RRBs, Managing Director of Odisha State Cooperative Bank.

Hon'ble Governor, Prof. Ganeshi Lal, Chief Guest applauded the role of communication but for which this mega event would have been relegated to a nightmarish proposition especially when Covid-19 pandemic has been playing havoc all around. Shri Rakshak Kumar Nayak and Shri K.N.Nayak, Aid-De-Camp(ADC) remarked 'Perfectly Done', 'Perfectly Executed Programme '.

In fact within a short span of time arrangement of such a mega event was simply a stupendous task but kudos to NICNET and team efforts of Shri B.P.Mishra, STD, Shri S.M.Dora, STD , Shri S.K.Das,TD and Shri K.K.Barik, Scientist-D under the guidance of Smt Kabita Roy Das, DDG and SIO, brought about an overwhelming success and that is why not only Hon'ble Governor but other dignitaries couldn't but extol the contribution of communication in general and NIC in particular .

SOME GLIMPSES OF THE MEGA VIRTUAL EVENT





# ଗରିବଙ୍କୁ ଜୀବିକା ଦେବ ନାବାର୍ଡ ପ୍ରକଳ୍ପ

### ନାବାର୍ଡର ୪୦ତମ ପ୍ରତିଷ୍ଠା ଦିବସ ପାଳିତ

### ଏସ୍‌ଏଚ୍‌ଜି ଖୋଲିବେ ଗ୍ରାମୀଣ ଦୋକାନ

### ସାରା ରାଜ୍ୟରେ ବାଉଁଶ ପ୍ରକଳ୍ପ ସ୍ଥାପନ କରାଯିବ

ଭୁବନେଶ୍ୱର, ୨୦/୭(ଇମିସ): ରାଜ୍ୟରେ କୃଷକ କଲ୍ୟାଣ, ମହିଳା ସଶକ୍ତୀକରଣ, ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ, ଆଦିବାସୀ ବିକାଶ ଓ ଜଳ ବିଭାଜିକା ପ୍ରକଳ୍ପ ଲାଗି ସହାୟତା ଯୋଗାଇ ଦେଉଥିବା ନାବାର୍ଡ ଚଳିତ ଆର୍ଥିକ ବର୍ଷ (୨୦୨୧-୨୨)ରେ ଏହାର ଉଦ୍ୟମକୁ ଆହୁରି ବ୍ୟାପକ କରିବ। ଗରିବ ଲୋକମାନଙ୍କୁ ଜୀବନଜୀବିକା ଯୋଗାଇବା ଲାଗି ଏହା ସାରା ରାଜ୍ୟରେ ବଡ଼ ଧରଣର ବାଉଁଶ ପ୍ରକଳ୍ପ ଉପରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛି। କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ଏହା ଛେଳି ପାଳନ, ମତ୍ସ୍ୟଚାଷ ଓ ମହୁମାଛି ଚାଷ ଉପରେ ଗୁରୁତ୍ୱାରୋପ କରିବ। ହସ୍ତତନ୍ତ ଓ ହସ୍ତକଳା କ୍ଷେତ୍ରରେ ଅଫ୍ ଫାର୍ମ ଉତ୍ପାଦକ ସଂଗଠନ ଗଠନ କରିବ। ଗ୍ରାମାଞ୍ଚଳର ଯୁବକଯୁବତୀମାନେ ଯେଉଁଭଳି ନିଯୁକ୍ତି ପାଇବାକୁ ସକ୍ଷମ ହେବେ ସେଥିପାଇଁ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବ। ଗ୍ରାମୀଣ ଦୋକାନ ଖୋଲିବା ଲାଗି ପ୍ରାୟ ୩୦୦୦ ମହିଳା ଏସ୍‌ଏଚ୍‌ଜିଙ୍କୁ ନାବାର୍ଡ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଯୋଜନା ରଖିଛି। ଆଜି ନାବାର୍ଡର ୪୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ସମସ୍ତ ସୂଚନା ଦିଆଯାଇଛି।



ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟର ଗ୍ରାମୀଣ କ୍ଷେତ୍ର ବିକାଶରେ ନାବାର୍ଡର ଭୂମିକାକୁ ପ୍ରଶଂସା କରିଥିଲେ। ଏସ୍‌ଏଚ୍‌ଜି ଗଠନ କରି ମହିଳାଙ୍କୁ କର୍ମନିଯୁକ୍ତି ପ୍ରଦାନ କରିବା ପଦକ୍ଷେପ ବେଶ ପ୍ରଶଂସନୀୟ ବୋଲି ସେ କହିଛନ୍ତି। ତେବେ ପଶୁ ପାଳନ, ମତ୍ସ୍ୟ ଚାଷ, ଉଦ୍ୟାନ କୃଷି ଏବଂ ଉଦୀୟମାନ ଶିଳ୍ପ କ୍ଷେତ୍ରଗୁଡ଼ିକ ଲାଗି ଅଧିକ ଉଦ୍ୟମର ଆବଶ୍ୟକତା ରହିଥିବା ସେ କହିଛନ୍ତି। ପ୍ରଦୂଷଣର ସ୍ତର ଓ ପ୍ରାକୃତିକ ସମ୍ବଳର ଅପବ୍ୟବହାରକୁ ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ଚାଷ ଜମିରେ ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକର ବ୍ୟବହାରକୁ କମ୍ କରି ପରିବେଶ ମିତବ୍ୟୟୀ ଚାଷ ପଦ୍ଧତି ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ କହିଛନ୍ତି। ଗ୍ରାମୀଣ ଯୁବପିଢ଼ିଙ୍କ ପ୍ରଶିକ୍ଷଣ ପାଇଁ ଉଦ୍ୟମ ତ୍ୱରାନ୍ୱିତ କରିବାକୁ ସେ ନାବାର୍ଡକୁ ଆହ୍ୱାନ ଦେଇଛନ୍ତି।

ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆର୍‌ଆଇଡିଏଫ୍)ରେ ରେକର୍ଡ ପରିମାଣର ରାଶି ମଞ୍ଜୁର କରିଥିବାରୁ ଉନ୍ନୟନ କମିସନର ପି କେ ଜେନା ନାବାର୍ଡକୁ ପ୍ରଶଂସା କରିଛନ୍ତି। ତୃଣମୂଳ ସ୍ତରରେ ଋଣ ଯେଉଁଭଳି ପହଞ୍ଚିପାରିବ ସେ ଦିଗରେ କାର୍ଯ୍ୟ କରିବା ଓ ଆକାଂକ୍ଷୀ ଜିଲ୍ଲାଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ଅର୍ଥ ବିଭାଗର ପ୍ରମୁଖ ସଚିବ ଏ କେ ମୀନା ନାବାର୍ଡକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସ୍ୱାଗତ ଭାଷଣ ପ୍ରଦାନ କରି ନାବାର୍ଡର ସିଜିଏମ୍ ସି ଉଦୟଭାସ୍କର କହିଥିଲେ ଯେ ୨୦୨୦-୨୧ରେ ନାବାର୍ଡ ତରଫରୁ ରାଜ୍ୟ ସରକାରଙ୍କୁ ୨୨,୭୦୯ କୋଟି ଟଙ୍କାର ପାଣ୍ଠି ମଞ୍ଜୁର କରାଯାଇଥିଲା।

ନାବାର୍ଡର ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ୩୦ଟି ଜିଲ୍ଲାର ୩୦ ପ୍ରଗତିଶୀଳ ଚାଷୀ, ଏସ୍‌ଏଚ୍‌ଜି, ଲଘୁ ଉଦ୍ୟୋଗୀ, ଏଫ୍‌ପିଓ ସଦସ୍ୟଙ୍କୁ ପୁରସ୍କୃତ କରାଯାଇଛି। ରାଜ୍ୟପାଳଙ୍କ ତରଫରୁ ଜିଲ୍ଲାପାଳମାନେ ବିଭିନ୍ନ ଜିଲ୍ଲାରେ ଏହି ପୁରସ୍କାର ବଣ୍ଟନ କରିଛନ୍ତି। ଏହି ଅବସରରେ ରିଫ୍ଲେକ୍ସନ୍ ୨୦୨୦-୨୧ ଓ ୟୁନିଟ୍ କଷ୍ଟ୍ ବୁକ୍ ୨୦୨୦-୨୧ ନାମକ ଦୁଇଟି ପୁସ୍ତିକା ଓ ଚାଷୀ ଉତ୍ପାଦକ ସଂଗଠନର ଏକ ଗୀତକୁ ଉନ୍ମୋଚନ କରାଯାଇଛି।

## ନାବାର୍ଡ ପକ୍ଷରୁ ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର, ୨୦।୭**

ନାବାର୍ଡ ପକ୍ଷରୁ ୪୦ ତମ ପ୍ରତିଷ୍ଠା ଦିବସ ଭର୍ଚୁଆଲ ଭାବେ ପାଳିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମୀଣ ବିକାଶ ଦିଗରେ ନାବାର୍ଡର ନିରନ୍ତର ଉଦ୍ୟମକୁ ରାଜ୍ୟପାଳ ବେଶ୍ ପ୍ରଶଂସା କରିଛନ୍ତି। ଗ୍ରାମାଞ୍ଚଳରେ ଯୁବବର୍ଗଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସେ ନାବାର୍ଡକୁ ଆହ୍ୱାନ ଜଣାଇଛନ୍ତି। ନାବାର୍ଡ ସିଜିଏମ୍ ସି. ଉଦୟ ଭାସ୍କର ସ୍ୱାଗତ ଭାଷଣରେ ବ୍ୟାଙ୍କର ସଫଳତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଋଣ ଏବଂ ଟେକ୍ନିକାଲ ସହାୟତା ଯୋଗାଣ ନେଇ ନାବାର୍ଡର ସହଯୋଗ ଉପରେ ଡେଭଲପମେଣ୍ଟ କମିଶନର ପି.କେ.ଜେନା ଗୁରୁତ୍ୱାରୋପ କରିଥିଲେ। ଚଳିତ ଆର୍ଥିକ ବର୍ଷରେ ଧାର୍ଯ୍ୟ ହୋଇଥିବା ୧.୧୦ ଲକ୍ଷ କୋଟିର ଋଣ ଯୋଗାଣ ଲକ୍ଷ୍ୟ ହାସଲ କରିବା ଦିଗରେ ସମସ୍ତ ଅଂଶୀଦାର ମିଳିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଏ.କେ ମୀନା ଆହ୍ୱାନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ମିଶନ ଶକ୍ତି କମିଶନର ସୁଜାତା କାର୍ତ୍ତିକେୟାନ, ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଏସ୍.ଏନ୍.ପଣ୍ଡା, ଏସ୍‌ଏଲ୍‌ବିସି କନ୍‌ଭେନର ଏ.ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମୀଣ ବିକାଶକୁ ନେଇ ନାବାର୍ଡ ପ୍ରତିଶ୍ରୁତିବଦ୍ଧ




ୄ୪୦ ତମ ପ୍ରତିଷ୍ଠା ଦିବସ